# ଗରିବଙ୍କୁ ଚାଉଳ ବଣ୍ଟନ

# ଗାଇଡ୍ ଲାଇନକୁ ମାନ, ସହାୟତା ଦିଅ



ଖବରଦାତା ସମ୍ମିଳନୀରେ ଦୁର୍ନୀତି ବିରୋଧୀ ମଞ୍ଚର କର୍ମକର୍ତ୍ତାମାନେ ।

ବ୍ରହ୍ମପୁର ଅଫିସ, ୧୪।୭- ପ୍ରକୃତ ଗରିବଙ୍କୁ ଚିହ୍ନଟ କର, ଗାଇଡ ଲାଇନ ଅନୁସାରେ ଆବଶ୍ୟକ ସହାୟତା ଦିଅ । ଦୁର୍ନୀତି ବିରୋଧୀ ମଞ୍ଚ ପକ୍ଷରୁ ଏହି ପରାମର୍ଶ ଦିଆଯାଇଛି । ଏ ନେଇ ଶନିବାର ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚ ସଦସ୍ୟ ବିଭୁ ପ୍ରସାଦ ସାହୁ କହିଛନ୍ତି ଯେ, ନିଗମ ଦ୍ୱାରା ଗରିବ ଚିହ୍ନଟ ପ୍ରକ୍ରିୟା ଠିକ ଭାବେ କରାଯାଇ ନାହିଁ । ପ୍ରଚାର ମାଧ୍ୟମରେ ଲୋକଙ୍କୁ ଏକତ୍ରିତ କରାଇ ସ୍ଥାନୀୟ କର୍ପୋରେଟର, ଆର.ଆଇ., କମିଶନର ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗରିବ ଚିହ୍ନଟ କରାଯିବା ନିୟମ ରହିଛି । କିନ୍ତୁ ଏହା ପରିବର୍ତ୍ତେ ସର୍ଭେ ଦାୟିତ୍ୱରେ ଥିବା କର୍ପୋରେଟରମାନେ ନିଜ ଇଚ୍ଛା ଅନୁସାରେ ଅନେକ ଆର୍ଥିକ ସ୍ୱଚ୍ଛଳ ପରିବାରଙ୍କୁ ଏହି ନୂଆ ଯୋଜନାରେ ସାମିଲ କରାଇଛନ୍ତି । ପ୍ରକୃତରେ ବହୁ ଗରିବ ହିତାଧିକାରୀ ଚାଉଳ ପାଇଁ କାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି । ତେଣୁ ପ୍ରକୃତ ଗରିବଙ୍କୁ ଚିହ୍ନଟ କରି ନ୍ୟାୟ ଦିଆଯିବାକୁ ବିଭୁ ପ୍ରସାଦ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁରୁଚରଣ ପାତ୍ର, ସରୋଜ କୁମାର ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ବେହେରା, ଶକୁନ୍ତଳା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । କଣ୍ଟ୍ରୋଲ ଦୋକାନଗୁଡିକରେ ଥିବା ନକଲି ଖାଉଟି କାର୍ଡ ବାଜ୍ୟାପ୍ତି କରିବା, ପ୍ରତି ୱାର୍ଡସ୍ତରୀୟ କମିଟି ଗଠନ କରିବା, ୱାର୍ଡ ବୈଠକରେ ପ୍ରତି ପରିବାରର ଅଂଶଗ୍ରହଣକୁ ବ୍ୟବସ୍ଥିତ କରିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ ।

# ଗରିବ ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ



ବ୍ରହ୍ମପୁର,୧୪।୭ (ଅନୁପମ ମିଡ଼ିଆ): ମହାନଗର ନିଗମ ପକ୍ଷରୁ ଗରିବ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଦୁର୍ନୀତି ବିରୋଧୀ ମଞ୍ଚ ତରଫରୁ ଅଭିଯୋଗ କରାଯାଇଛି । ଶନିବାର ଗେଟ୍‌ବଜାର ଏନ୍‌ଜିଓ ହଲ୍ ପରିସରରେ ମଞ୍ଚ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଭୁ ପ୍ରସାଦ ସାହୁ ଏହି ଅଭିଯୋଗ କରିଥିଲେ । ଏହାଫଳରେ ବହୁ ଗରିବ ପରିବାର ଚାଉଳ କାର୍ଡରୁ ବଞ୍ଚିତ ହୋଇଛନ୍ତି । ତେଣୁ ପ୍ରକୃତ ଗରିବ ପରିବାରଙ୍କୁ ଏକ ସ୍ୱଚ୍ଛ ଚୟନ ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯାଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଏଠାରେ କୁହାଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ ଗୁରୁ ଚରଣ ପାତ୍ର, ସରୋଜ କୁମାର ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ୱାର୍ଡ଼ରେ ୱାର୍ଡ଼ସ୍ତରୀୟ କମିଟି ଗଠନ କରିବା ସହ ୱାର୍ଡ଼ ସଭା ଜରିଆରେ ଯେପରି ପ୍ରତ୍ୟେକ ପରିବାର ଅଂଶଗ୍ରହଣ କରିପାରିବେ ତାହାର ବ୍ୟବସ୍ଥା କରାଯାଉ ବୋଲି ଏଠାରେ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଥିଲା ।

# ଗରିବ ଚିହ୍ନଟ ପ୍ରକ୍ରିୟା ପୁଣି କରିବା ପାଇଁ ଦାବି କଲା ଦୁର୍ନୀତି ବିରୋଧୀ ମଞ୍ଚ

ବ୍ରହ୍ମପୁର ଅଫିସ: ସୁପ୍ରିମ୍ କୋର୍ଟର ଆଦେଶ ଅନୁଶାରେ ଓଡିଶା ସରକାର ୧୯ଟି ଜିଲ୍ଲାରେ ଟିପିଏସ୍‌ଡି ଅଧିନରେ ତଥା ବିପିଏଲ୍ ପରିବାରଙ୍କୁ ବାଦ ଦେଇ ଗରିବ ପରିବାର ଗୁଡିକୁ ଚିହ୍ନଟ କରି ସେମାନଙ୍କୁ ଜୁନ୍ ୨୦୧୨ ମସିହାରୁ ଚାଉଳ ବଣ୍ଟନ ବ୍ୟବସ୍ଥା କରିଛନ୍ତି । ଓଡିଶା ସରକାର ଗଂଜାମ ଜିଲ୍ଲାରେ ସେହିଭଳି ୫୦,୭୦୦ ଗରିବ ପରିବାରକୁ ଚିହ୍ନଟ କରି ପ୍ରତ୍ୟେକ ପରିବାରକୁ ମାସିକ ୩୫ କେଜି ଚାଉଳ ହିସାବରେ ଜୁଲାଇ ୨୦୧୨ ଠାରୁ ନଭେମ୍ବର ୨୦୧୨ ପର୍ଯ୍ୟନ୍ତ ବ୍ୟବସ୍ଥା କରିଛନ୍ତି । ଏହି ବର୍ଗର ହିତାଧିକାରୀ ମାନେ ଜୁନ୍ ୨୦୧୨ରେ ୧୫୦କେଜି, ଜୁଲାଇ ୨୦୧୨ରେ ୧୦୦ କେଜି ଏବଂ ଅଗଷ୍ଟ ୨୦୧୨ରେ ୭୫କେଜି ଚାଉଳ ପାଇବେ । ଏହି ଯୋଜନା ଅନୁଶାରେ ବ୍ରହ୍ମପୁର ମହାନଗର ନିଗମର ୫,୧୮୦ ପରିବାରକୁ ଅର୍ନ୍ତଭୁକ୍ତ କରାଯାଇଛି । ଏଥିରେ ଅନେକ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ତାଲିକାରୁ ବାଦ୍ ଦିଆଯାଇଥିବା ବେଳେ ଅଯୋଗ୍ୟ ହିତାଧିକାରୀ ଏହି ତାଲିକାରେ ସ୍ଥାନ




ପାଇଛନ୍ତି । ଏହି ବର୍ଗର ହିତାଧିକାରୀଙ୍କୁ ଚୟନ କରିବା ପାଇଁ ସରକାର କିଛି ନିୟମ ପ୍ରଣୟନ କରିଛନ୍ତି । ଯେପରିକି ପରିବାରର ମାସିକ ଆୟ ୫ ହଜାରରୁ କମ୍ ଥିବା ଆବଶ୍ୟକ, ଶାରିରୀକ ଅକ୍ଷମ ବ୍ୟକ୍ତି, ଏକାକି ବସବାସ କରୁଥିବା ମହିଳା, ବାସହୀନ, ଅଭାବଗ୍ରସ୍ତ ବୟସ ବ୍ୟକ୍ତି ଯିଏକି ଅସାଧ ରୋଗରେ ଆକ୍ରାନ୍ତ ଥିଲେ ଓ ନିରାଶୟ । ପ୍ରତ୍ୟେକ ଓ୍ୱାର୍ଡ ସଭା ମାଧମରେ ଏହି ପରିବାରଙ୍କ ସୂଚୀ ସର୍ବସମ୍ମୁଖରେ ପ୍ରସ୍ତୁତ କରାଯିବ । କିନ୍ତୁ ଅନେକ ଓ୍ୱାର୍ଡରେ ଉପଯୁକ୍ତ ନିୟମାନୁସାରେ ଯୋଗ୍ୟ ଥିବା ସତ୍ତ୍ୱେ ତାଲିକାରୁ ବାଦ ପଡିଛନ୍ତି । ତେଣୁ ଏହି ତାଲିକା ପନଃର୍ବାର କରାଯାଉ ବୋଲି ଦୁର୍ନୀତି ବିରୋଧି ମଞ୍ଚ ପକ୍ଷରୁ ସ୍ଥାନୀୟ ଏନ୍‌ଜିଓ ହଲ୍‌ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏଥିରେ ବିଭୁ ପ୍ରସାଦ ସାହୁ, ଗୁରୁଚରଣ ପାତ୍ର, ସରୋଜ କୁମାର ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ଏହାର ଏକ ଦାବି ପତ୍ର ଯୋଗଣ ବିଭାଗ କମିଶନର, ଗଂଜାମ ଜିଲ୍ଲାପାଳ ଓ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କୁ ପ୍ରଦାନ କରିଥିବା ସରୋଜ କୁମାର ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ ।

ఈనాడు ఒడిశా ఆదివారం 15 జులై 2012

# అనర్హులకు కార్డులు



మాట్లాడుతున్న బిభూప్రసాద్ సాహు. వేదికపై గురుచరణ్ పాత్రో తదితరులు

బరంపురం బజారు, న్యూస్‌టుడే: నగరంలో అసలైన పేదలను గుర్తించలేదని, అనర్హులు అనేక మంది కార్డులు పొందారని కార్పొరేటర్లు, పౌరసరఫరాల శాఖలు పరోక్షంగా సహకరించారని స్థానిక అవినీతి వ్యతిరేక మంచ్ కన్వీనర్ బిభూప్రసాద్ సాహు ఆరోపించారు. శనివారం ఇక్కడ విలేకరుల సమావేశంలో మాట్లాడుతూ సుప్రీంకోర్టు నిర్దేశాలు, నిబంధనల మేరకు పేదలను గుర్తించలేదని, వార్డు సభలు నిర్వహించకుండానే ఎంపిక చేశారని విమర్శించారు. రాజకీయ లబ్ధితో కార్డులు పంపిణీ జరిగాయని ఆవేదన వ్యక్తం చేశారు. ఇది ప్రజాధనం దుర్వినియోగానికి నిదర్శనమని పేర్కొన్నారు. సమావేశంలో గురుచరణ్‌పాత్రో, సరోజ్ కుమార్ పట్నాయక్ తదితరులు పాల్గొన్నారు.

## కార్డుల పంపిణీపై దర్యాప్తు నిర్వహించండి

అనర్హులకు కార్డులు అందజేశారంటూ అవినీతి వ్యతిరేక, వినియోగదారులు, మానవహక్కుల సంఘం (ఏక్రో) రాష్ట్ర ప్రధాన కార్యదర్శి పి.కామేశ్వరరావు జిల్లా కలెక్టరుకు లేఖ రాశారు. సరైన రీతిలో పేదలను గుర్తించనందున ప్రభుత్వ లక్ష్య సాధన జరగలేదని, పేదలు మోసపోయారని ఆయన ఆ లేఖలో పేర్కొన్నారు. లేఖ కాపీలను అదనపు జిల్లా మెజిస్ట్రేట్, జిల్లా నిత్యావసర సరుకుల సరఫరా అధికారి, బరంపురం సబ్ కలెక్టరు, సహాయక నిత్యావసర సరఫరా అధికారులకు కూడా పంపినట్లు రావు విలేకరులకు తెలిపారు.

# లబ్ధిదారుల గుర్తింపులో అవినీతి

బరంపురం, న్యూస్‌లైన్ :

నగరంలో పసుపు (ఎల్లో) కార్డు లబ్ధిదారుల గుర్తింపులో అవినీతి జరుగుతోందని కొలిషన్ ఎగైనెస్ట్ కరప్షన్ అధ్యక్షుడు బిష్ణుప్రసాద్ సాహు ఆరోపించారు. గేట్ బజార్‌లో గల ఎన్‌జీఓ హాల్‌లో శనివారం విలేకరుల సమావేశంలో ఆయన మాట్లాడుతూ నగరంలో అర్హులైనవారికి పసుపు కార్డులు మంజూరు చేయడం లేదన్నారు. నిల్వ ఉన్న బియ్యాన్ని పేదలకు పంచాలన్న సుప్రీం కోర్టు ఆదేశం మేరకు గంజాం జిల్లాకు బియ్యం వచ్చిందన్నారు. బరంపురం నగర పరిధిలో 5,080 కుటుంబాలకు ఆ బియ్యాన్ని పంపిణీ చేయాల్సి ఉందని తెలిపారు. బీఎంసీ పరిధిలో వివిధ వార్డుల్లో గల బీపీఎల్, ఏపీఎల్ కార్డులు లేని నిరుపేదలను, వికలాంగులను, వృద్ధులను గుర్తించి పసుపు కార్డులు ఇవ్వాల్సి ఉందన్నారు. పసుపు కార్డు లబ్ధిదారులకు నెలకు 35 కిలోల బియ్యం చొప్పున తొమ్మిది నెలలు సరఫరా చేయాల్సి ఉందని చెప్పారు. సుప్రీం కోర్టు తీర్పు మేరకు బీఎంసీ కమిషనర్ ఆధ్వర్యంలో వార్డు సభ్యులను నియమించి కమిటీ ఏర్పాటు చేసి బహిరంగ సభలో లబ్ధిదారులను ఎంపిక చేయాల్సి ఉందన్నారు. రాజకీయ నాయకులు, కార్పొరేటర్ల ఒత్తిడితో అనర్హులకు ఈ కార్డులను పంపిణీ చేశారని ఆరోపించారు. నిరుపేదలకు అందలేదని చెప్పారు. ఒక్కో కుటుంబంలో మూడు కార్డులు కూడా పంపిణీ చేశారన్నారు. అనర్హులకు బియ్యం పంపిణీ చేస్తున్నారని తెలిపారు. బియ్యం తీసుకున్న పలువురు అనర్హులు అక్కడే డీలర్లకు వాటిని విక్రయిస్తున్నారని చెప్పారు. అధికారులు స్పందించి అర్హులకు కార్డులను అందజేయాలని కోరారు. లేకపోతే పసుపు కార్డు లబ్ధిదారుల ఎంపికలో అక్రమాలపై త్వరలో తమ సంస్థ ఆధ్వర్యంలో ఆందోళన చేపడతామని హెచ్చరించారు. సమావేశంలో గురుచరణ్ పాత్రో, సరోజ్‌కుమార్ పట్నాయక్, సూర్యనారాయణ బెహరా తదితరులు పాల్గొన్నారు.




మాట్లాడుతున్న బిష్ణుప్రసాద్ సాహు

# ଗରିବ ଚିହ୍ନଟ ପ୍ରକ୍ରିୟାରେ ଅନିୟମିତତା: ଦୁର୍ନୀତି ମଞ୍ଚ

ବ୍ରହ୍ମପୁର, ୧୪।୭(ବ୍ୟୁରୋ): ଗରିବ ଚିହ୍ନଟ ପ୍ରକ୍ରିୟାରେ ବ୍ରହ୍ମପୁର ମହାନଗର ନିଗମର ୫୧୮୦ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ଅନେକ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ତାଲିକାରୁ ବାଦ୍ ଦିଆଯାଇଥିବା ବେଳେ ଅନେକ ଅଯୋଗ୍ୟ ହିତାଧିକାରୀ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ସ୍ଥାନୀୟ କର୍ପୋରେଟରଙ୍କ ସହାନୁଭୂତିରେ ଅନେକ ଆର୍ଥିକ ସ୍ୱଚ୍ଛଳ ପରିବାର ଏହି କାର୍ଡ଼ ପାଇଛନ୍ତି ବୋଲି ଦୁର୍ନିତି ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସ୍ଥାନୀୟ ଏନ୍‌ଜିଓ ହଲ୍‌ରେ ଆଜି ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ସ୍ଥାନୀୟ କର୍ପୋରେଟର, ଆର୍‌ଆଇ, କମିଶନର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ମନୋନିତ ଜଣେ ଅଧିକାରୀଙ୍କ ଉପସ୍ଥିତିରେ ୱାର୍ଡ଼ ସଭାରେ ଏହି ପରିବାରଗୁଡ଼ିକୁ ଚିହ୍ନଟ କରିବା ପାଇଁ ସରକାରୀ ଭାବେ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ବ୍ରହ୍ମପୁର ମହାନଗର ନିଗମର କୌଣସି ଅଞ୍ଚଳରେ ଏହି ପ୍ରକାର ସଭାର ଆୟୋଜନ କରାଯାଇଥିବାର ପ୍ରମାଣ ନାହିଁ। ଏପରିକି ଏହିଭଳି କମିଟି ଥିବା ବିଷୟରେ ଏବଂ ସଭା ହେବା ବିଷୟରେ କେହି ଜାଣିନାହାନ୍ତି। ଗରିବ ପରିବାର ଚିହ୍ନଟ କରିବା ପ୍ରଣାଳୀକୁ ସ୍ୱଚ୍ଛ କରିବା ପାଇଁ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ତରଫରୁ ବ୍ୟାପକ ପ୍ରଚାର କରାଯିବାର ଆବଶ୍ୟକତା ଥିଲା। ଚିହ୍ନଟ ପ୍ରକିୟାରେ ଅନିୟମିତା ହୋଇଥିବା ଯୋଗୁଁ ବର୍ତ୍ତମାନ ମଧ୍ୟ ଅନେକ ଅଯୋଗ୍ୟ ବ୍ୟକ୍ତି ବିପିଏଲ୍ କାର୍ଡ଼ର ସୁବିଧା ଉପଭୋଗ କରୁଛନ୍ତି। ଅନେକ ନକଲି କାର୍ଡ଼ କଣ୍ଟ୍ରୋଲ୍ ଦୋକାନୀ ନିଜ ପାଖରେ ରଖିଛନ୍ତି। ପ୍ରକୃତ ଗରିବ ପରିବାରଗୁଡ଼ିକୁ ଏକ ସ୍ୱଚ୍ଛ ଚୟନ ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯାଇ ସେମାନଙ୍କ ପ୍ରତି ନ୍ୟାୟ କରାଯାଉ। କଣ୍ଟ୍ରୋଲ ଦୋକାନୀଙ୍କ ନିକଟରେ ଥିବା ନକଲି କାଡ଼ ଗୁଡ଼ିକୁ ବାଯ୍ୟାପ୍ତ କରାଯାଉ। ଗରିବ ତାଲିକାରୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦିଆଯାଉ। ବ୍ରହ୍ମପୁରର ପ୍ରତ୍ୟେକ ୱାର୍ଡ଼ରେ ୱାର୍ଡ଼ ସ୍ତରୀୟ କମିଟି ଗଠନ କରାଯାଉ ଏବଂ ୱାର୍ଡ଼ ମିଟିଂରେ ଯେପରି ଉକ୍ତ ୱାର୍ଡ଼ର ପ୍ରତ୍ୟେକ ପରିବାର ଅଂଶ ଗ୍ରହଣ କରିପାରିବେ ତାହାର ବ୍ୟବସ୍ଥା କାରଯାଉ ବୋଲି ମଞ୍ଚ ପକ୍ଷରୁ ଦାବି ହୋଇଛି।



# ବିପିଏଲ୍ ତାଲିକାରୁ ବାଦ୍ ପଡୁଛନ୍ତି ଗରିବ ପରିବାର : ଦୁର୍ନୀତି ବିରୋଧୀ ମଞ୍ଚ




ବ୍ରହ୍ମପୁର, (ନିପ୍ର) : ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଓଡ଼ିଶା ସରକାର ୧୯ଟି ଜିଲ୍ଲାରେ ଟିପିଏସ୍‌ଡ଼ି ଅଧୀନରେ ଗରିବ ପରିବାର ଚିହ୍ନଟ କରି ଜୁନ ମାସରୁ ସେମାନଙ୍କୁ ଚାଉଳ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗଂଜାମ ଜିଲ୍ଲାରେ ୫ ହଜାର ୭୦୦ ଗରିବ ପରିବାରଙ୍କୁ ଚିହ୍ନଟ କରାଯାଇ ପ୍ରତ୍ୟେକ ପରିବାରଙ୍କୁ ମାସିକ ୩୫ କେଜି ହିସାବରେ ଚାଉଳ ବଣ୍ଟନ ବ୍ୟବସ୍ଥା କରିଛନ୍ତି । ଏହି ଯୋଜନା ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମର ୫୮୦ ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି କ୍ରମରେ ନିଗମର ୩୭ଟି ୱାର୍ଡ଼ ମଧ୍ୟରୁ ପ୍ରତି ୱାର୍ଡ଼ରୁ ୧୪୦ ଲେଖାଏଁ ପରିବାରଙ୍କୁ ଚିହ୍ନଟ କରାଯାଇଛି । ତେବେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ତାଲିକାରୁ ବାଦ ଦିଆଯାଇଥିବା ବେଳେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବା ଅଭିଯୋଗ ହୋଇଛି । କର୍ପୋରେଟମାନଙ୍କ ସହାନୁଭୂତିରେ ଆର୍ଥିକ ସ୍ୱଚ୍ଛଳ ପରିବାରଙ୍କୁ ଏହି କାର୍ଡ଼ ଯୋଗାଇ ଦିଆଯାଇଥିବା କୁହାଯାଇଛି । ସରକାରଙ୍କ ନିୟମ ଅନୁଯାୟୀ ସ୍ଥାନୀୟ କର୍ପୋରେଟର, ଆରଆଇ, କମିଶନର ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନିତ ଜଣେ ଅଧିକାରୀଙ୍କ ଉପସ୍ଥିତିରେ ୱାର୍ଡ଼ ସଭାରେ ପରିବାର ଗୁଡ଼ିକୁ ଚିହ୍ନଟ କରିବା ପାଇଁ ସରକାରୀ ଭାବେ ବ୍ୟବସ୍ଥା ଥିବା ସତ୍ତ୍ୱେ ବ୍ରହ୍ମପୁର ମହାନଗର ନିଗମର କୌଣସି ଅଞ୍ଚଳରେ ଏପ୍ରକାର ସଭାର ଆୟୋଜନ କରାଯାଇନଥିବା ଏବଂ ଏଭଳି କମିଟି ବା ସଭା ଆୟୋଜନ ସଂପର୍କରେ କେହି ଜାଣିନାହାନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ଅଯୋଗ୍ୟ ବ୍ୟକ୍ତି ତଥା ନକଲି କାର୍ଡ଼ଧାରୀଙ୍କୁ ବିପିଏଲ ତାଲିକାରୁ ସଂପୂର୍ଣ୍ଣ ବାଦ ଦେବାକୁ ସର୍ଭେ କରାଯାଇଥିଲେ ମଧ୍ୟ ଅନେକ ଅଯୋଗ୍ୟ ବ୍ୟକ୍ତି ବିପିଏଲ କାର୍ଡ଼ ସୁବିଧା ପାଇଥିବା ଅଭିଯୋଗ ହୋଇଛି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଅନେକ ସମୟରେ ଜାରି କରାଯାଇଥିବା ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଇନଥିବା ଯୋଗୁଁ ପ୍ରକୃତ ଗରିବ ପରିବାର ଏହି ତାଲିକାରୁ ବାଦ ପଡ଼ିଛନ୍ତି ବୋଲି ଦୁର୍ନୀତି ବିରୋଧୀ ମଞ୍ଚ ତରଫରୁ ଗେଟବଜାରସ୍ଥିତ ଏନଜିଓ ହଲ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ମଞ୍ଚର ଦାବି ମଧ୍ୟରେ ପ୍ରକୃତ ଗରିବ ପରିବାରଗୁଡ଼ିକ ଏକ ସ୍ୱଚ୍ଛ ଚୟନ ପ୍ରକିୟା ମାଧ୍ୟମରେ ଚୟନ କରାଯିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯିବା, କଣ୍ଟ୍ରୋଲ ଦୋକାନୀଙ୍କ ନିକଟରେ ଥିବା ନକଲି କାର୍ଡ଼ଗୁଡ଼ିକୁ ବାଜ୍ୟାପ୍ତ କରାଯିବା, ଗରିବ ସୂଚିରୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦିଆଯିବା, ବ୍ରହ୍ମପୁର ୱାର୍ଡ଼ରେ ୱାର୍ଡ଼ସ୍ତରୀୟ କମିଟି ଗଠନ କରାଯିବା, ୱାର୍ଡ଼ ବୈଠକରେ ଯେପରି ସଂପୃକ୍ତ ୱାର୍ଡ଼ର ପ୍ରତ୍ୟେକ ପରିବାର ଅଂଶଗ୍ରହଣ କରିପାରିବେ ତାର ବ୍ୟବସ୍ଥା କରାଯିବା ପାଇଁ ଦାବି କରାଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୁର୍ନୀତି ବିରୋଧୀ ମଞ୍ଚର ବିଭୁ ପ୍ରସାଦ ସାହୁ, ଗୁରୁଚରଣ ପାତ୍ର, ସରୋଜ କୁମାର ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ବେହେରା, ରମେଶ ଚନ୍ଦ୍ର ସାହୁ, ଶକୁନ୍ତଳା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।